# Akashvani, Sambalpur

## SAMBALPURI NEWS BULLETIN

### 21 January 2025- 6.47- 6.52 am.

*********************************************

ମନ୍ତ୍ରୀ ପରିଷଦ୍ ବୈଠକ୍   I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ମନ୍ତ୍ରୀ ପରିଷଦ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ୨୦୨୪-୨୫ ବଜେଟ୍ ଅନ୍‌ସାରେ ଭିନ୍ ଭିନ୍ ବିଭାଗ୍‌ଥି ଏବ୍‌ତକ୍ ହେଇଥିବା ଖର୍ଚ୍ଚା ବାବଦ୍ ସମୀକ୍ଷା କରିକରି ବାକି ରହିଥିବା ଟଙ୍କା ଠିକ୍ ଭାବେ ଜଲ୍‌ଦି ଖର୍ଚ୍ଚା କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସ୍ୱାସ୍ଥ୍ୟସେବା, ଭିତିଭୂମିର୍ ଉନ୍ନତି, ସାମାଜିକ୍ ସୁରକ୍ଷା, ପାନୀୟ ଜଳ ଯୋଗାଣ, କାମ୍‌ର ଅଗ୍ରଗତି ବାବ୍‌ଦେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ । ବୈଠକ୍‌ଥି ପୂର୍ତ୍ତ ବିଭାଗ୍ ତର୍‌ଫୁ ରାସ୍ତା, ସେତୁର ଉନ୍ନତି, କୃଷି ବିଭାଗ୍ ତର୍‌ଫୁ ଶୀତଲ୍ ଭଣ୍ଡାର୍ ଖୁଲ୍‌ବାର୍ ଆର୍ ସୁଭଦ୍ରା କିସ୍ତି ଟଙ୍କା ଦେବାର୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା । '୨୦୩୬ ବିକଶିତ୍ ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍' ଲାଗି ଆସିଥିବା ୩ ଲାଖ୍ ୨୦

ହଜାର୍ ପ୍ରସ୍ତାବ୍ ଭିତ୍‌ରୁ ଭଲ୍ ଭଲ୍ ଟା ବାଛିକରି ଗ୍ରହଣ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆର୍ ସବୁ ବିଭାଗର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ହି.ସ.

କେନ୍ଦ୍ର ଖଣି ମନ୍ତ୍ରଣାଳୟ ତର୍‌ଫୁ ଓଡ଼ିଶା ସର୍‌କାର୍‌ଙ୍କର୍ ସହଯୋଗ୍‌ଥି କୋଣାର୍କ ଠାନେ ଚାଲିଥିବା ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ଆଏଜ୍ ଉଦ୍‌ଯାପିତ୍ ହେବା । ଗଲାକାଏଲ୍ ଉଦ୍‌ଘାଟନୀ ଉତ୍ସବ୍‌ଥି କେନ୍ଦ୍ର କୁଇଲା ଆର୍ ଖଣିମନ୍ତ୍ରୀ ଜି. କିଷନ୍ ରେଡ୍ଡୀ ଯୋଗ୍ ଦେଇକରି କେନ୍ଦ୍ର ସର୍‌କାର୍ ଘରୋଇ ଉତ୍ପାଦନ୍ ବୃଦ୍ଧି, ଆତ୍ମନିର୍ଭରଶୀଳତା କମାବାର୍ ଆର୍ ସମୁଦ୍ରଖଁଡ଼ି ଇଲାକାର୍ ଖଣି ନିଲାମ୍‌କେ ତହଁକାବାର୍ ଲାଗି ଖୋବ୍‌ଜଲ୍‌ଦି ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣି ମିଶନ୍ - ଏନ୍‌ସିଏମ୍‌ଏମ୍ ମୁଲ୍ କରାଯିବା ବଲି କହିଛନ୍ । ସେ ଆହୁରି କହିଛନ୍, ଭାରତ୍ ଇହାଦେ ୪୮ ଟା ଖଣିଜ ବ୍ଲକ୍ ନିଲାମ୍ ମୁଲ୍ କରିଛେ ଆର୍ ସେନୁ ୨୪ ଟା ସଫଲତାର୍ ସହେତେ ଆବଂଟିତ୍ ହେଇଛେ ।

ଜାତୀୟ ଶିକ୍ଷାନୀତି କର୍ମଶାଳା I&PR

ରାଏଜେ ଜାତୀୟ ଶିକ୍ଷାନୀତି-୨୦୨୦ କେ ସରଲ୍ ଭାବେ କାର୍ଯ୍ୟକାରୀ କର୍‌ବାର ଲାଗି ଜାତୀୟ କର୍ମଶାଳା ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଲ୍ ହେବା । ୩ ଦିନିଆ କର୍ମଶାଳାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବେ । ଇ କର୍ମଶାଳା ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆର୍ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗ୍‌ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । କର୍ମଶାଳାଥି ରାଜ୍ୟର୍ ଶିକ୍ଷା ଗୋଷ୍ଠୀଙ୍କୁ ସଚେତନ୍ କର୍‌ବାର୍ ସହେତେ ଖେପ୍ ଖେପ୍ କରି ଶିକ୍ଷାନୀତିର୍ କାର୍ଯ୍ୟକାରିତା ଉପ୍‌ରେ ରୋଡ୍‌ମେପ୍ ତିଆର୍ କରାଯିବା ।

ଧାନ୍‌ଘିନା-ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଚାଲିଥିବା ଧାନ୍‌ଘିନା ପ୍ରକ୍ରିୟାଥି ଏବ୍‌ତକ୍ ୧୭ ଲାଖ୍ ୪୯ ହଜାର୍ ୯ ଶହ ୮୭ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ । ଆଉର୍ ବର୍‌ଗଡ୍ ଜିଲ୍ଲା ନୁ ସବୁନୁ ଅଏତ୍‌କା ୧ ଲାଖ୍ ୫୫ ହଜାର୍

୬ ଶହ ୧୭ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ । ପଞ୍ଜିକରଣ୍ ଉତ୍ରୁ ଯାଂଚ୍ କରାଯାଇକରି ଚାଷୀମାନ୍କୁ ଟୋକନ୍ ଦିଆଯାଇଛେ । ଚାଷୀମାନ୍କର୍ ଏକାଉଂଟ୍କେ ଭିଲ୍ ୩ ଥର୍ କରି ଯାଂଚ୍ କରାଯାଉଛେ । ଧାନ୍ ବିକା ଆର୍ ଇନ୍ପୁଟ୍ ସାହାଜ୍ ଟଙ୍କା ପାଏବାର୍ନୁ ଯେନ୍ତା କେନ୍ସି ଚାଷୀ ନାଇଁ ବାଦ୍ ପଡ୍ବେ ସେତାକେ ବେଶୀ ଧାନ୍ ଦିଆଯାଉଛେ ବଲି ଯୋଗାଣ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ଧାନ୍ ଘିନା ପ୍ରକ୍ରିୟାଥି କିଛି ଭିଲ୍ ସମସ୍ୟା ଦେଖାଦେଲେ ଜିଲ୍ଲାପାଲ୍ମାନେ ତାର୍ ତୁର୍ତି ସମାଧାନ୍ କରୁଛନ୍ ବଲି ବିଭାଗ୍ ତର୍ଫୁ ଗୁଟେ ପ୍ରେସ୍ ବିଜ୍ଞପ୍ତିଥି କୁହାଯାଇଛେ ।

ରାସ୍ତା ମରାମତି ଆର୍ଏନ୍ୟୁ / ସମ୍ବଲପୁର

ଆଏବା ୩ ବଛର୍ ଭିତ୍ରେ ରାଏଜେ ଥିବା ରାସ୍ତାମାନ୍କର୍ ମରାମତି କରାଯିବାର୍ ସଙ୍ଗେ ନୂଆଁ ରାସ୍ତା ତିଆର୍ କର୍ବାର୍କେ ପୂର୍ତ ବିଭାଗ୍ ୯୧ ହଜାର୍ କୋଟି ଟଙ୍କା ଖର୍ଚ୍ଚା କର୍ବାର୍ ଯୋଜ୍ନା କରୁଛେ ବଲି ବିଭାଗ୍ର ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ସୂଚ୍ନା ଦେଇଛନ୍ । ପୂର୍ତ ବିଭାଗ୍ ଅଧୀନ୍ଥି ଥିବା ସବୁ ରାସ୍ତାକେ ସର୍ବେକ୍ଷଣ୍ କର୍ବାର୍ ଲାଗି ସେଂଟ୍ରାଲ୍ ରୋଡ୍ ରିସର୍ଚ୍ଚ

ଇନ୍‌ଷ୍ଟିଚ୍ୟୁଟ୍‌କେ ଦାୟିତ୍ୱ ଦିଆଯାଇଛେ । ତାର୍ ରିପୋର୍ଟ ଅନ୍‌ସାରେ ଖରାପ୍ ରାସ୍ତା ମାନ୍‌କର୍ ତୁର୍‌ତି ମରାମତି କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ ।

ଶ୍ରୀ ଅନ୍ନ ଅଭିଯାନ I&PR

କୃଷି ବିଭାଗ୍ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ଗଲାକାଏଲ୍ ଭୁବନେଶ୍ୱର୍ କୃଷି ଭବନ୍‌ଠାନେ ଶ୍ରୀ ଅନ୍ନ ଅଭିଯାନ୍‌ଥି ଚାଲିଥିବା ମଡ଼ିଆ ଘିନା ପ୍ରକ୍ରିୟାର୍ ସମୀକ୍ଷା କରିଛନ୍ । ଇ ବଛର୍ ରାଜ୍ୟ ସର୍‌କାର ମଡ଼ିଆର୍ ସର୍ବନିମ୍ନ ସହାୟକ୍ ଦାମ୍ କୁଇଂଟାଲ୍ ପିଛା ୪ ହଜାର ୨ ଶହ ୯୦ ଟଙ୍କା ସହେତେ ଅଏତ୍‌କା ୨ ଶହ ୧୦ ଟଙ୍କା ଦଉଥିବାର୍ ବାବ୍‌ଦେ ଚାଷୀମାନଙ୍କୁ ସଚେତନ୍ କର୍‌ବାର୍‌କେ ଶ୍ରୀ ପାଢ଼ୀ ବିଭାଗର୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍ ସହେତେ ମଡ଼ିଆ ଘିନା ପ୍ରକ୍ରିୟା କାମ୍ ଫଟିକ୍ କରିକରି ଚାଷୀମାନେ ଯେନ୍ତା ଲାଭ୍ ପାଏବାନୁ ବଂଚିତ୍ ନେହେବେ ସେ ବାବ୍‌ଦେ ଧ୍ୟାନ୍ ଦେବାର୍‌କେ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ ।

ପ୍ଲାନେଟୋରିୟମ୍ -ବିରଳ ମହାଜାଗତିକ ଦୃଶ୍ୟ ଭୁବ୍‌ନେଶ୍ୱର୍

ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ୟୁରେନ୍ସ ଆର୍ ନେପ୍‌ଚୁନ୍ ବାଗିର୍ ୬ ଟା ଗ୍ରହ ଆଏଜ୍‌ଠାନୁ ଜାନୁଆରୀ ୩୧ ତାରିଖ୍‌ତକ୍ ଗୁଟେ ସରଳରେଖାଥି ରହେବେ । ଇ ବିରଳ ମହାଜାଗତିକ ଦୃଶ୍ୟକେ ଦେଖିବାର୍ ଲାଗି ଭୁବ୍‌ନେଶ୍ୱର୍ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ଠାନେ ଖାସ୍ ବ୍ୟବସ୍ଥା କରାଯାଇଛେ । ସାଧାରଣ ଲୁକେ ଆଏଜ୍‌ଠାନୁ ସୋମ୍‌ବାର୍‌ଛଡ଼ା ଅଲ୍‌ଗା ଦିନ୍‌ମାନ୍‌କେ ବେଲ୍‌ବୁଡ଼୍‌ର୍ ସାଢ଼େ ୫ ବଜେନୁ ୭ ବଜେତକ୍ ଇ ବିରଳ ଦୃଶ୍ୟ ଦେଖିପାର୍‌ବେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଲା ବର୍ଗଥି ସଞ୍ଝର୍ ୬ ବଜେନୁ ରାଂଚି ଠାନେ ସୁର୍‌ମା ହକି କ୍ଲବ୍ ଆର୍ ଓଡ଼ିଶା ୱାରିୟର୍ସ ଭିତ୍‌ରେ ମେଚ୍ ହେବା ।

ସେଆଡ଼େ ପୁରୁଷ ବର୍ଗଥି ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ୟୁପି ରୁଦ୍ରାସ୍ ଆର୍ ଟିମ୍ ଗୋନାସିକା ଭିତ୍‌ରେ ମେଚ୍ ହେବା ।

ଗଲାକାଏଲ୍ ହେଇଥିବା ମହିଳା ବର୍ଗ ମେଚ୍‌ଥି ସୁର୍‌ମା ହକି କ୍ଲବ୍ ୫-୧ ଗୋଲ୍‌ଥି ଦିଲ୍ଲୀ ଏସ୍.ଜି. ପାଇପର୍ସକେ ହରେଇଛେ । ପୁରୁଷ ବର୍ଗଥି ସୁର୍‌ମା ହକି କ୍ଲବ୍- ସ୍ୱାଟୀ ରାହା ବେଙ୍ଗଲ୍ ଟାଇଗର୍ସକେ ୨-୧ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ପଶ୍ଚିମାଝଡ଼୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ଶୀତ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗରମ୍ ଜଳୀୟବାଷ୍ପ ବାୟୁ ରାଜ୍ୟକେ ଆସୁଥିବାର୍‌ନୁ ତାପମାତ୍ରା ବଢ଼୍‌ବା । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜିଲ୍ଲା ନ ବହଲିଆ କୁହୁଡ଼ି ହେବାର୍ ସତର୍କ ସୂଚ୍‌ନା ଜାରି କରାଯାଇଛେ ।